# NATIONAL NEWS BULLETIN (ODIA)
## 10 October - 2025
## Morning Bulletin : 7.15 A.M.

******************************

## ମୁଖ୍ୟ ସମ୍ବାଦ

- ଐତିହାସିକ ଗାଜା ଶାନ୍ତି ଯୋଜନା ଲାଗି ଆମେରିକା ରାଷ୍ଟ୍ରପତି ଓ ନିଜର ଇସ୍ରାଏଲ୍ ପ୍ରତିପକ୍ଷଙ୍କୁ ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ ।
- ପି.ଏମ୍. ଧନଧାନ୍ୟ କୃଷି ଯୋଜନାର ଆସନ୍ତାକାଲି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ କରିବେ ଶୁଭାରମ୍ଭ ।
- ବିହାର ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ଆଜି ପ୍ରକାଶ ପାଇବ ବିଜ୍ଞପ୍ତି ।
- ଭାରତ-ବ୍ରିଟେନ୍ ଐତିହାସିକ ମୁକ୍ତ ବାଣିଜ୍ୟ ରାଜିନାମା ଦ୍ୱାରା ବିକଶିତ ଭାରତ ଦୃଷ୍ଟିକୋଣ ଅଧିକ ସଶକ୍ତ ହୋଇପାରିବ କହିଲେ ବୈଦେଶିକ ସଚିବ ।

ଏବଂ

- ଭାରତ-ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଦ୍ୱିତୀୟ ତଥା ଚୂଡ଼ାନ୍ତ ଟେଷ୍ଟ କ୍ରିକେଟ୍ ମ୍ୟାଚ୍ ଆଜିଠାରୁ ଆରମ୍ଭ ହେବ ନୂଆଦିଲ୍ଲୀରେ ।

# ପିଏମ୍-ଗାଜା

ଐତିହାସିକ ଗାଜା ଶାନ୍ତି ଯୋଜନା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ଇସ୍ରାଏଲ୍ ପ୍ରତିପକ୍ଷ ବେଞ୍ଜାମିନ୍ ନେତାନ୍ୟାହୁ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଗତ ରାତିରେ ଶ୍ରୀ ନେତାନ୍ୟାହୁଙ୍କ ସହିତ ଟେଲିଫୋନ୍ ଯୋଗେ ଏ ସମ୍ପର୍କରେ ଆଲୋଚନା ସମୟରେ ଶ୍ରୀ ମୋଦୀ ଏହି ଯୋଜନାର ଅଗ୍ରଗତିକୁ ପ୍ରଶଂସା କରିଛନ୍ତି । ବିଶେଷ କରି ଗାଜାବାସୀଙ୍କୁ ଅଧିକ ପରିମାଣରେ ମାନବୀୟ ସହାୟତା ଯୋଗାଇଦେବା ଏବଂ ବନ୍ଧକମାନଙ୍କୁ ମୁକ୍ତ କରିବା ସମ୍ପର୍କିତ ଚୁକ୍ତିନାମାକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ମୋଦୀ ତାଙ୍କ ବନ୍ଧୁ ନେତାନ୍ୟାହୁଙ୍କ ସହିତ କରିଥିବା ବାର୍ତ୍ତାଳାପ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଛନ୍ତି । ଏଥିସହିତ ସନ୍ତ୍ରାସବାଦ ବିପକ୍ଷରେ ଭାରତର ଦୃଢ଼ ପଦକ୍ଷେପକୁ ଶ୍ରୀ ମୋଦୀ ଦୋହରାଇବା ସହ ବିଶ୍ୱର ଯେକୌଣସି ସ୍ଥାନରେ କୌଣସି ପ୍ରକାର ସନ୍ତ୍ରାସବାଦୀ କାର୍ଯ୍ୟ ଗ୍ରହଣୀୟ ନୁହେଁ ବୋଲି ମତବ୍ୟକ୍ତ କରିଛନ୍ତି ।

ସାମାଜିକ ଗଣମାଧ୍ୟମର ଅନ୍ୟ ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସୂଚନା ଦେଇ କହିଛନ୍ତି, ସେ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ସଙ୍ଗେ ମଧ୍ୟ ଟେଲିଫୋନ୍ ଯୋଗେ ଗାଜା ଶାନ୍ତି ଯୋଜନା ସମ୍ପର୍କରେ ଆଲୋଚନା କରିବା ସହିତ ଏହାର ସଫଳତା ଲାଗି ଅଭିନନ୍ଦନ ଜଣାଇଛନ୍ତି । ଏହି

ଅବସରରେ ଉଭୟ ନେତା ଭାରତ-ଆମେରିକା ମଧ୍ୟରେ ଚାଲିଥିବା ବାଣିଜ୍ୟ କାରବାର ସମ୍ପର୍କିତ ଆଲୋଚନାର ସକାରାତ୍ମକ ଦିଗର ସମୀକ୍ଷା କରିଛନ୍ତି । ବିଭିନ୍ନ ଦ୍ୱିପକ୍ଷିୟ ତଥା ବୈଶ୍ୱିକ ପ୍ରସଙ୍ଗରେ ଆଗାମୀ ଦିନରେ ଉଭୟ ଦେଶ ପରସ୍ପର ସହିତ ଯୋଗାଯୋଗରେ ରହିବା ସଙ୍ଗେ ସଙ୍ଗେ ସହଯୋଗ ଜାରି ରଖିବାକୁ ଦୁଇ ନେତା ସମ୍ମତି ପ୍ରଦାନ କରିଛନ୍ତି ।

ଆନ୍ତର୍ଜାତିକ ସ୍ତରରେ ଶାନ୍ତି ପ୍ରତିଷ୍ଠା ଦିଗରେ ଭାରତର ସକ୍ରିୟ ପ୍ରଚେଷ୍ଟା ଏବଂ ରଣନୈତିକ ଭାଗିଦାରୀକୁ ସୁଦୃଢ଼ କରିବା ଦିଗରେ ପ୍ରତିବଦ୍ଧତା ଏହି ଆଲୋଚନା ଦ୍ୱାରା ପ୍ରତିଫଳିତ ହେଉଛି । ପୂର୍ବରୁ ଗତକାଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗାଜା ଶାନ୍ତି ଯୋଜନାର ସଫଳତା ଲାଗି ଉଭୟ ଶ୍ରୀ ଟ୍ରମ୍ପ୍ ଓ ଶ୍ରୀ ନେତାନ୍ୟାହୁଙ୍କ ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ ।

## ଚୌହାନ-ଧନଧାନ୍ୟ କୃଷି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀ ଠାରେ ପି.ଏମ୍. ଧନଧାନ୍ୟ କୃଷି ଯୋଜନା ଏବଂ ଡାଲି କ୍ଷେତ୍ରରେ ଆତ୍ମନିର୍ଭରତା ସମ୍ପର୍କିତ ଅଭିଯାନର ଶୁଭାରମ୍ଭ କରିବେ । ଗତକାଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହି ସୂଚନା ଦେଇଛନ୍ତି । ଦୂରଦର୍ଶନ ସହିତ ଏକ ସାକ୍ଷାତକାର ଦେଇ ସେ କହିଛନ୍ତି, ଉତ୍ପାଦନ ବୃଦ୍ଧି, ଶସ୍ୟ ବିବିଧତାକୁ ପ୍ରୋତ୍ସାହନ, ଉନ୍ନତ ଜଳସେଚନର ଉପଲବ୍ଧତା ଏବଂ

ଶସ୍ୟ ସଂରକ୍ଷଣକୁ ସୁ-ବ୍ୟବସ୍ଥିତ କରିବା ହେଉଛି ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ପ୍ରଧାନମନ୍ତ୍ରୀ ଧନଧାନ୍ୟ ଯୋଜନା ଅଧୀନରେ ସରକାର ଦେଶର ୧୦୦ଟି କମ୍ ଉତ୍ପାଦକତା ଜିଲ୍ଲା ଚିହ୍ନଟ କରିବେ ଏବଂ ସମ୍ପୃକ୍ତ ସ୍ଥାନରେ ଉତ୍ପାଦକତା ବୃଦ୍ଧି କରିବା ଲାଗି ଏହି ଯୋଜନା ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ । ସମ୍ପୃକ୍ତ ଜିଲ୍ଲାର ଚାଷୀମାନେ ଉନ୍ନତ ଜଳସେଚନ ଏବଂ ଋଣ ସହାୟତା ପାଇପାରିବେ । ଏହିସବୁ ଜିଲ୍ଲାର ଉତ୍ପାଦକତାକୁ ହାରାହାରି ଜାତୀୟ ସ୍ତରକୁ ବୃଦ୍ଧି କରାଯାଇପାରିଲେ ସାମଗ୍ରୀକ ଜାତୀୟ ସ୍ତରୀୟ ଉତ୍ପାଦନ ଏବଂ ଚାଷୀଙ୍କ ଆୟ ବୃଦ୍ଧି ହୋଇପାରିବ ବୋଲି କୃଷି ମନ୍ତ୍ରୀ କହିଛନ୍ତି ।

ସେ କହିଛନ୍ତି, ଦେଶ ବର୍ତ୍ତମାନ ଗହମ ଓ ଚାଉଳ ଉତ୍ପାଦନରେ ଆତ୍ମନିର୍ଭର ହୋଇପାରିଛି । ମାତ୍ର ଡାଲି କ୍ଷେତ୍ରରେ ଭାରତ ଖୁବ୍ ଶୀଘ୍ର ଆତ୍ମନିର୍ଭରତା ହାସଲ କରିବ । ଡାଲି ଆତ୍ମନିର୍ଭର ମିଶନ୍ ଅଧୀନରେ ସରକାର ଏହାର ଉତ୍ପାଦନ ଏବଂ ଚାଷ ଜମି ପରିମାଣକୁ ଦେଶ ବ୍ୟାପି ବୃଦ୍ଧି କରିବାର ଲକ୍ଷ୍ୟ ରଖିଛନ୍ତି ବୋଲି ଶ୍ରୀ ଚୌହାନ କହିଛନ୍ତି ।

## ରାଜନାଥ-ଅଷ୍ଟ୍ରେଲିଆ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଗତକାଲି କାନ୍‌ବେରାଠାରେ ଅଷ୍ଟ୍ରେଲିଆର ବୈଦେଶିକ ମନ୍ତ୍ରୀ ପେନି ୱାଙ୍ଗ୍‌ଙ୍କ ସହିତ ଦ୍ୱିପକ୍ଷିୟ ବୈଠକ କରିଛନ୍ତି । ଭାରତ-ଅଷ୍ଟ୍ରେଲିଆ ସମନ୍ୱିତ ରଣନୈତିକ ଭାଗିଦାରୀକୁ ସଶକ୍ତ

କରିବା ସହିତ ପ୍ରତିରକ୍ଷା, ସୁରକ୍ଷା ଓ ଆଞ୍ଚଳିକ ସ୍ଥିରତା କ୍ଷେତ୍ରରେ ସହଯୋଗକୁ ବୃଦ୍ଧି କରିବା ଦିଗରେ ଉଭୟ ନେତା ନିଜର ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି । ଶ୍ରୀ ସିଂହ କହିଛନ୍ତି, ଦୁଇ ଦେଶ ମଧ୍ୟରେ ଗଢ଼ିଉଠିଥିବା ବନ୍ଧୁତ୍ୱ ଆପୋଷ ବିଶ୍ୱାସ ଏବଂ ଗଣତାନ୍ତ୍ରିକ ନୀତି ଉପରେ ଆଧାରିତ । ଅଷ୍ଟ୍ରେଲିଆରେ ଥିବା ଭାରତୀୟ ସମ୍ପ୍ରଦାୟଙ୍କର ସେହି ଦେଶର ବିକାଶ ଦିଗରେ ଅବଦାନକୁ ଶ୍ରୀ ଓ୍ୱାଙ୍ଗ୍ ଏହି ଅବସରରେ ପ୍ରଶଂସା କରିଛନ୍ତି । ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଭୌଗଳିକ ଦୃଷ୍ଟିରୁ ଅନେକ ଦୂରତା ଥିଲେ ମଧ୍ୟ ସେମାନଙ୍କର ମୂଲ୍ୟବୋଧ ପରସ୍ପରକୁ ଅତି ନିବିଡ଼ କରିପାରିଛି ବୋଲି ଶ୍ରୀ ଓ୍ୱେଙ୍ଗ୍ କହିଛନ୍ତି ।

## ବିହାର-ନୋମିନେସନ୍

ବିହାର ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ଆଜି ବିଜ୍ଞପ୍ତି ପ୍ରକାଶ ପାଇବ । ଏଥିସହିତ ପ୍ରଥମ ପର୍ଯ୍ୟାୟରେ ୧୨୧ଟି ବିଧାନସଭା ଆସନରେ ହେବାକୁ ଥିବା ନିର୍ବାଚନ ଲାଗି ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହେବ । ନାମାଙ୍କନ ଦାଖଲ ପ୍ରକ୍ରିୟା ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ପୂର୍ବାହ୍ନ ୧୧ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଚାଲିବ । ୧୮ ତାରିଖ ଦିନ ଏଗୁଡ଼ିକ ଯାଞ୍ଚ କରାଯିବ । ଚଳିତ ମାସ ୨୦ ତାରିଖ ହେଉଛି ମନୋନୟନପତ୍ର ପ୍ରତ୍ୟାହାରର ଶେଷ ଦିବସ । ଏଥିଲାଗି ନାମାଙ୍କନ ଦାଖଲ କେନ୍ଦ୍ରଗୁଡ଼ିକ ନିକଟରେ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି

ନିର୍ବାଚନ ଆୟୋଗ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏହି କେନ୍ଦ୍ର ଗୁଡ଼ିକର ମଧ୍ୟରେ କିମ୍ବା ନିକଟରେ ସାଧାରଣ ଜନତାଙ୍କ ଉପସ୍ଥିତିକୁ ବାରଣ କରାଯାଇଛି । ନାମାଙ୍କନପତ୍ର ଦାଖଲ କରିବା ଲାଗି ପ୍ରାର୍ଥୀଙ୍କ ସହିତ ପ୍ରସ୍ତାବକଙ୍କ ସମେତ ୫ ଜଣ ବ୍ୟକ୍ତି ଏବଂ ତିନୋଟି ଯାନ ଯାଇପାରିବ । ସମଗ୍ର ନାମାଙ୍କନ ଦାଖଲ ପ୍ରକ୍ରିୟାର ଭିଡ଼ିଓ ଗ୍ରାଫି କରିବାକୁ ମଧ୍ୟ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ।

ପ୍ରଥମ ପର୍ଯ୍ୟାୟରେ ଆସନ୍ତାମାସ ୬ ତାରିଖ ଦିନ ପାଟନା, ଦରଭଙ୍ଗା, ମାଧେପୁର, ସାହାର୍ସା, ମୁଜାଫରପୁର, ଗୋପାଲଗଞ୍ଜ, ଶିବାନ୍, ସରଣ, ବୈଶାଳୀ, ସମଷ୍ଟିପୁର, ବେଗୁସରାଇ, ଲକ୍ଷିସରାଇ, ମୁଙ୍ଗେର, ଶେଖପୁରା, ନାଳନ୍ଦା, ବକ୍ସାର ଓ ଭୋଜପୁର ଜିଲ୍ଲାରେ ଭୋଟ୍ ଗ୍ରହଣ କରାଯିବ ।

ଦ୍ୱିତୀୟ ପର୍ଯ୍ୟାୟରେ ନଭେମ୍ବର ୧୧ ତାରିଖ ଦିନ ଭୋଟ ଗ୍ରହଣ କରାଯାଇ ୧୪ ତାରିଖ ଦିନ ଭୋଟ ଗଣତି ହେବ ବୋଲି ପୂର୍ବରୁ ଆୟୋଗ ଘୋଷଣା କରିସାରିଛନ୍ତି ।

## ଇଣ୍ଡିଆ-ୟୁକେ

ଭାରତ-ବ୍ରିଟେନ୍ ଐତିହାସିକ ମୁକ୍ତ ବାଣିଜ୍ୟ ରାଜିନାମା ଦ୍ୱାରା ବିକଶିତ ଭାରତ ଦୃଷ୍ଟିକୋଣ ଅଧିକ ସଶକ୍ତ ହୋଇପାରିବ ବୋଲି

ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି । ଗତକାଲି ମୁମ୍ବାଇ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶ୍ରୀ ମିଶ୍ରି ଏହା କହିଛନ୍ତି । ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍‌ମର୍‌ଙ୍କର ଭାରତକୁ ପ୍ରଥମ ସରକାରୀ ଗସ୍ତ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ଶ୍ରୀ ଷ୍ଟାର୍‌ମର୍‌ଙ୍କ ସହିତ ୧୫୦ ଜଣିଆ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ମଧ୍ୟ ଆସିଛନ୍ତି । ଏହି ଗସ୍ତ ଅବସରରେ ଭାରତ ଓ ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ ନିଜ ମଧ୍ୟରେ ବିଭିନ୍ନ ଆଞ୍ଚଳିକ ତଥା ବୈଶ୍ୱିକ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଛନ୍ତି । ଏତଦ୍‌ବ୍ୟତୀତ ଉଭୟ ନେତା ବ୍ରିଟେନ୍‌ର ବିଭିନ୍ନ ବିଶ୍ୱବିଦ୍ୟାଳୟର କୂଳପତିମାନଙ୍କ ସହିତ ଆଲୋଚନା କରିଥିବା ବେଳେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସମ୍ମିଳନୀ ଏବଂ ଗ୍ଲୋବାଲ୍ ଫିନ୍‌ଟେକ୍ ଫେଷ୍ଟ ୨୦୨୫ରେ ମଧ୍ୟ ଉଦ୍‌ବୋଧନ ଦେଇଛନ୍ତି । ମିଳିତ ଜାତିସଂଘର ସୁରକ୍ଷା ପରିଷଦରେ ଭାରତକୁ ଏକ ସ୍ଥାୟୀ ସଦସ୍ୟ ରୂପେ ଗ୍ରହଣ କରାଯିବା ସମ୍ପର୍କରେ ବ୍ରିଟେନ୍ ନିଜର ସମର୍ଥନ ଦେଇଛି ବୋଲି ଶ୍ରୀ ମିଶ୍ରି କହିଛନ୍ତି । ଏତଦ୍‌ବ୍ୟତୀତ ଖଲିସ୍ତାନୀ ଉଗ୍ରବାଦୀ ପ୍ରସଙ୍ଗ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ବୈଦେଶିକ ସଚିବ କହିଛନ୍ତି, ଗଣତାନ୍ତ୍ରିକ ସମାଜରେ ହିଂସାତ୍ମକ କାର୍ଯ୍ୟକଳାପର କୌଣସି ସ୍ଥାନ ନାହିଁ । ଏଭଳି କାର୍ଯ୍ୟ କରୁଥିବା ତତ୍ତ୍ୱକୁ ବରଦାସ୍ତ କରିବା ଉଚିତ୍ ନୁହେଁ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କ ବ୍ରିଟେନ୍ ପ୍ରତିପକ୍ଷଙ୍କୁ କହିଛନ୍ତି ।

# ଶାହା-ଦିଲ୍ଲୀ ଜଳ ବୋର୍ଡ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗତକାଲି ନୂଆଦିଲ୍ଲୀ ଠାରେ ଦିଲ୍ଲୀ ଜଳ ବୋର୍ଡ୍‌ର ବିବିଧ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି । ଏହିସବୁ ପ୍ରକଳ୍ପ ଲାଗି ୧ ହଜାର ୮୧୬ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ଶାହା କହିଛନ୍ତି, ଯମୁନା ନଦୀକୁ ସ୍ୱଚ୍ଛ ରଖିବା ଲାଗି ଏକ ସମନ୍ୱିତ ଯୋଜନା ପ୍ରସ୍ତୁତ କରାଯାଇଛି ।

**V/O-1--AMIT-SHAH-ON-YAMUNA**

# ଟେଷ୍ଟ କ୍ରିକେଟ୍

ଭାରତ-ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଦ୍ୱିତୀୟ ତଥା ଚୂଡ଼ାନ୍ତ ଟେଷ୍ଟ କ୍ରିକେଟ୍ ମ୍ୟାଚ୍ ଆଜିଠାରୁ ନୂଆଦିଲ୍ଲୀରେ ଖେଳାଯିବ । ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମ୍ ଠାରେ ଏହି ମ୍ୟାଚ୍ ସକାଳ ୯ଟା ୩୦ ମିନିଟ୍‌ରୁ ଆରମ୍ଭ ହେବ । ଶୁଭମନ୍ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ଅହମ୍ମଦାବାଦ ଠାରେ ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌କୁ ଏକ ବିଶାଳ ସ୍କୋରରେ ବିଜୟୀ ହୋଇ ୧-୦ରେ ଅଗ୍ରଣୀ ରହିଛି ।

# ମହିଳା କ୍ରିକେଟ୍

ଆଇ.ସି.ସି. ମହିଳା ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟର ଗତକାଲିର ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଭାରତକୁ ତିନି ଓ୍ୱିକେଟ୍‌ରେ ପରାସ୍ତ କରିଛି । ବିଶାଖାପଟନ୍‌ମଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା । ଭାରତ ପ୍ରଥମେ ବ୍ୟାଟିଂ କରି ୪୯ ଓଭର ୫ଟି ବଲ୍‌ରେ ୨୫୧ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଦଳ ପକ୍ଷରୁ ରିଚା ଘୋଷ ୭୭ଟି ବଲ୍‌ରୁ ସର୍ବାଧିକ ୯୪ରନ୍ କରିଥିଲେ । ଦକ୍ଷିଣ ଆଫ୍ରିକାର କ୍ଲୋଏ ଟ୍ରାୟନ୍ ତିନୋଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ । ୨୫୨ରନ୍‌ର ବିଜୟ ଲକ୍ଷ୍ୟର ପିଛା କରି ଦକ୍ଷିଣ ଆଫ୍ରିକା ୩ ଓ୍ୱିକେଟ୍ ଓ ୭ଟି ବଲ୍ ହାତରେ ଥାଇ ଆବଶ୍ୟକ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ନାଦିନେ ଡି କ୍ଲେରକ୍ ୫୪ଟି ବଲ୍‌ରୁ ସର୍ବାଧିକ ୮୪ରନ୍ କରିବା ସହିତ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ପ୍ରଥମ ଦୁଇଟି ମ୍ୟାଚ୍ ଶ୍ରୀଲଙ୍କା ଓ ପାକିସ୍ତାନ ବିପକ୍ଷରେ ବିଜୟୀ ହୋଇଥିବା ।